# Akashvani, Sambalpur

## SAMBALPURI NEWS EVENING BULLETIN

**13 September 2024- 7.02 pm- 7.12 pm.**

*******************************************

୧- ପ୍ରାଣୀ ସମ୍ପଦ୍ ଆଉ ଦୁଗ୍ଧ ଉତ୍ପାଦନ୍‌ର ବିକାଶ୍ ଲାଗି ଭୁବ୍‌ନେଶ୍ୱର୍ ନ ହେଲା ମୌସୁମୀ ବୈଠକ୍ ।

- ଏ-ହେଲ୍ଥ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ।

୨- ସୁଭଦ୍ରା ଯୋଜ୍‌ନା ବାବ୍‌ଦେ ଜନସଚେତନତା ସୃଷ୍ଟି କର୍‌ବାର୍ ଲାଗି ଆଏଜ୍‌ଠାନୁ ମୁଳ୍ ହେଲା 'ସୁଭଦ୍ରା ସ୍ୱାଗତ୍ ସପ୍ତାହ' ।

୩- ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ନିରୀକ୍ଷଣ୍ ଲାଗି ତିଆର୍ ହେଲା ଖାସ୍ ନୀତି ନିର୍ଘଂଟ ।

ଆଉର୍

୪- କଲାହାଣ୍ଡି ଭବାନୀପାଟ୍‌ନାର୍ ମାଣିକେଶ୍ୱରୀଙ୍କର୍ ମନ୍ଦିର୍ ନ ଲାଗି ହେଲା ନବାନ୍ନ ।

ପ୍ରାଣୀ ସମ୍ପଦ୍, ଦୁଗ୍ଧ ଉତ୍ପାଦନ୍ ମୌସୁମୀ ବୈଠକ

ଆର୍ଏନ୍ୟୁ/ କଟକ୍

ରାଏଜେ ପହେଲାଥର୍ ଲାଗି ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ପ୍ରାଣୀ ସମ୍ପଦ୍ ଆଉ ଦୁଗ୍ଧ ଉତ୍ପାଦନ୍ର ବିକାଶ୍ ଲାଗି ଆଏଜ୍ ମୌସୁମୀ ବୈଠକ୍ ହେଇଯାଇଛେ । ବୈଠକ୍ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଏ-ହେଲ୍ପ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ର ଶୁଭାରମ୍ଭ କରିଛନ୍ । ଇତାର୍ସହେତେ କଟକ୍ ନାରାଜ୍ର ତାଲ୍ଗଡ଼୍ ନ ନୂଆଁକରି ସ୍ଥାନାନ୍ତରିତ୍ ହେଇଥିବା କେନ୍ଦ୍ରୀୟ କୁକୁଟ ବିକାଶ୍ ସଂଗଠନ୍ ୟୁନିଟ୍ର ଉଦ୍ଘାଟନ୍ କରିଛନ୍ । ଭୁବ୍ନେଶ୍ୱର୍ ନ ମୁଲ୍ ହେବାର୍କେ ଥିବାର୍ ଓମ୍ଫେଡ୍ ଭେଣ୍ଡିଂ ମିସିନ୍ର ଭିଲ୍ ଶୁଭାରମ୍ଭ ହେଇଛେ । ଇ ମିସିନ୍ଥି ଡିଜିଟାଲ୍ ପେମେଂଟ୍ ଜରିଏ ଗ୍ରାହକ୍ ଓମ୍ଫେଡ୍ର ସବୁ ଦରବ୍ ପାଇପାର୍ବେ । ପହେଲା ଖେପେ ଭୁବ୍ନେଶ୍ୱର୍ ଜନ୍ପଥ ନ ଇଟା ମୁଲ୍ ହେବା । ଇତାର୍ଉତ୍ରୁ ଭୁବ୍ନେଶ୍ୱର୍ର ଭିନ୍ ଭିନ୍ ଜାଗା ନ ଭେଣ୍ଡିଂ ମିସିନ୍ ଥାପ୍ନା କରାଯିବା । ଇ କାର୍ଯ୍ୟକ୍ରମ୍ଥି ଜାତୀୟ ଦୁଗ୍ଧ ବିକାଶ୍ ବୋର୍ଡ଼ ଆଉ ଓମ୍ଫେଡ୍ ଭିତ୍ରେ ଦୁଗ୍ଧ ଉତ୍ପାଦନ୍ ବୃଦ୍ଧି ଲାଗି ଚୁକ୍ତି ସ୍ୱାକ୍ଷରିତ୍ ହେଇଛେ । କାର୍ଯ୍ୟକ୍ରମ୍ଥି କେନ୍ଦ୍ର ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ମନ୍ତ୍ରୀ ରାଜୀବ୍ ରଞ୍ଜନ୍ ସିଂ, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଏସ୍.ପି. ସିଂ ବାଘେଲ୍, ଜର୍ଜ କୁରିଅନ୍, ରାଜ୍ୟ ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ମନ୍ତ୍ରୀ ଗୋକୁଲାନନ୍ଦ ମଲ୍ଲିକଙ୍କର୍ ସହେତେ

୧୫ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଇଲାକାର୍ ବିଭାଗୀୟ ମନ୍ତ୍ରୀ ଆଉ ସଚିବ ମାନେ ଯୋଗ୍ ଦେଇଥିଲେ ।

ପଶୁପାଲନ୍, ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଲୟ ବୈଠକ୍   ପି.ଆଇ.ବି.

କେନ୍ଦ୍ର ସର୍କାର୍ଙ୍କର୍ ପଶୁପାଲନ୍ ଆଉ ଦୁଗ୍ଧ ଉତ୍ପାଦନ୍ ସଚିବ ଅଲକା ଉପାଧ୍ୟାୟଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ନ ମନ୍ତ୍ରଣାଳୟର୍ ଆଂଚଲିକ୍ ସମୀକ୍ଷା ବୈଠକ୍ ହେଇଯାଇଛେ । ଇ ବୈଠକ୍‌ଥି ଓଡ଼ିଶା ସହେତେ ଛତିଶ୍‌ଗଡ୍, ଝାର୍‌ଖଣ୍ଡ, ପର୍ଶ୍ଚିମବଙ୍ଗ ଆର୍ ମେଘାଲୟର୍ ପଶୁପାଲନ୍ ଆର୍ ଦୁଗ୍ଧ ବିଭାଗ୍‌ର ସଚିବ ଆଉ ଯୋଜନା କାର୍ଯ୍ୟକାରୀ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ଯୋଜ୍‌ନା ମାନ୍‌କର୍ ଅଗ୍ରଗତି ଆଉ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ବାବ୍‌ଦେ ବୈଠକ୍‌ଥି ଆଲୋଚନା ହେଇଥିଲା । ରାଏଜେ ଚାରା ଅଭାବ୍ ଆଉ ଜଲ୍‌ବାୟୁ ପରିବର୍ତ୍ତନ୍‌କେ ନଜର୍‌ଥି ରଖିକରି ଅଏତ୍‌କା ଉତ୍ପାଦନକ୍ଷମ ଗାଈ ସଂଖ୍ୟା ବଢ଼ାବାର୍‌କେ ସଚିବ ଶ୍ରୀମତୀ ଉପାଧ୍ୟାୟ ଅଧିକାରୀମାନ୍‌କୁ ପରାମର୍ଶ ଦେଇଥିଲେ । ଦୁଗ୍ଧ ସଂଗ୍ରହ, ଥଣ୍ଡା କର୍‌ବାର୍, ପ୍ରକ୍ରିୟାକରଣ୍ ଆଉ ଏନ୍‌ପିଡିଡି ଯୋଜ୍‌ନା ଅଧୀନ୍‌ଥି ସୃଷ୍ଟି ହେଇଥିବା ଭିତିଭୂମିର ବ୍ୟବହାର୍ ଆବଶ୍ୟକତା ଉପ୍‌ରେ ସେ ଜୋର୍ ଦେଇଛନ୍ । ଇତାର୍‌ସହେତେ ଜାତୀୟ ପଶୁସମ୍ପଦ୍ ମିଶନ୍‌ର ଉଦ୍ୟୋଗ୍ ବିକାଶ୍ କାର୍ଯ୍ୟକ୍ରମ୍ ଅଧୀନ୍‌ଥି ପ୍ରଜନନ ଫାର୍ମ ପ୍ରତିଷ୍ଠା ଲାଗି

ରାଜ୍ୟ ମାନ୍‌କର୍ ଉଦ୍ୟମ୍‌କେ ଇ ବୈଠକ୍‌ଥି ସ୍ୱୀକୃତି ଦିଆଯାଇଛେ ।

## ସୁଭଦ୍ରା ସ୍ୱାଗତ ସପ୍ତାହ ଆର୍‌ଏନ୍‌ୟୁ / ସମ୍ବଲପୁର

ସୁଭଦ୍ରା ଯୋଜ୍‌ନା ଉପ୍‌ରେ ଜନସଚେତନତା ସୃଷ୍ଟି କର୍‌ବାର୍ ଲାଗି ଆଏଜ୍‌ଠାନୁ ହପ୍ତେତକ୍ ରାଜ୍ୟର୍ ଫି ବ୍ଲକ୍ ଆଉ ଗ୍ରାମ୍‌ପଂଚାୟତ୍ ମାନ୍‌କେ ସୁଭଦ୍ରା ସ୍ୱାଗତ ସପ୍ତାହ ମୁଲ୍ ହେଇଛେ । ଇ କାର୍ଯ୍ୟକ୍ରମ୍‌ଥି ବ୍ଲକ୍‌ସ୍ତରର୍ ସବୁ ଅଧିକାରୀଙ୍କର୍ ସହେତେ ଅଙ୍ଗନବାଡ଼ି କର୍ମୀ, ସୁପର୍‌ଭାଇଜର୍ ଏସ୍‌ଏଚ୍‌ଜି ସଦସ୍ୟା ଆଉ ଆଶାକର୍ମୀମାନେ ଗାଁ ଗାଁ ନ ସଭା କରିକରି ଲୁକ୍‌କୁ ସୁଭଦ୍ରା ଯୋଜ୍‌ନା ବାବ୍‌ଦେ ସଚେତନ୍ କରୁଛନ୍ । ଇତାର୍‌ସହେତେ ଘରେ ଘରେ ସୁଭଦ୍ରା ବିଷେ ଉପ୍‌ରେ ରାଜ୍ୟର୍ ଭିନ୍ ଭିନ୍ ମହାବିଦ୍ୟାଳୟର୍ ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ଚିତ୍ରାଙ୍କନ, ପ୍ରବନ୍ଧ, ତର୍କ, ରଙ୍ଗୋଲି ଆର୍ ଫଟୋଗ୍ରାଫି ପ୍ରତିଯୋଗିତା କରାଯାଉଛେ । ସେନ୍ତା ଫି’ ଗ୍ରାମ୍‌ପଂଚାୟତ୍ ନ ପଥପ୍ରାନ୍ତ ନାଟକ୍ ସହେତେ ଚିତ୍ରାଙ୍କନ, କୁଇଜ୍ ବାଗିର୍ ପ୍ରତିଯୋଗିତା ଆୟୋଜନ୍ ହେବା । ସବୁ ଇଲାକାର୍ ସଫଳ ମହିଳାମାନ୍‌କୁ ସୁଭଦ୍ରା ଅପା ଆଖ୍ୟା ଦିଆଯିବାର୍ ସହେତେ ସେମାନ୍‌କର୍ କାହାନୀ ମୋ

ସୁଭଦ୍ରା କାହାନୀ ଭାବେ ପ୍ରତିଷ୍ଠିତ କରାଯିବାର୍‌କେ ସର୍‌କାର୍ ନିଷ୍ପତି ନେଇଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ସଞ୍ଜ୍‌ବେଲ୍‌ତକ୍ ରାଜ୍ୟର୍ ୪୫ ଲାଖ୍ ମହିଲା ସୁଭଦ୍ରା ଯୋଜ୍‌ନାଥି ପଞ୍ଜିକରଣ୍ କରିଛନ୍ ।

ପରିଧାନ ଉଷ୍ମାୟନ୍ କେନ୍ଦ୍ର ସୂଚନା, ଲୋକସମ୍ପର୍କ ବିଭାଗ୍

ରାଜ୍ୟ ସର୍‌କାର୍‌ଙ୍କର୍ ହସ୍ତତନ୍ତ, ବୟନ ଆଉ ହସ୍ତଶିଳ୍ପ ବିଭାଗ୍ ଆର୍ କେନ୍ଦ୍ର ବସ୍ତ୍ର ମନ୍ତ୍ରଣାଳୟର ମିଲିତ୍ ସହଯୋଗ୍‌ଥି ଭୁବ୍‌ନେଶ୍ୱର୍ ନ ପରିଧାନ ଉଷ୍ମାୟନ୍ କେନ୍ଦ୍ର ଆଏଜ୍ ଉଦ୍‌ଘାଟିତ୍ ହେଇଛେ । ବିଭାଗୀୟ ମନ୍ତ୍ରୀ ପ୍ରଦୀପ୍ ବଳ ସାମନ୍ତ ଇତାର୍ ଉଦ୍‌ଘାଟନ୍ କରିକରି କହିଛନ୍ ଯେ, ବେକାର୍ ଯୁଆନ୍ ପିଲା ଟୁକେଲ୍‌ମାନ୍‌କୁ ରୋଜ୍‌ଗାର୍ ଯୁଗେଇ ଦେବାର୍ ସହେତେ ଇ କେନ୍ଦ୍ର ପୋଷାକ ଉତ୍ପାଦନ୍ କ୍ଷେତ୍ରନ ନୂଆଁ ଅଧ୍ୟାୟ ସୃଷ୍ଟି କର୍‌ବା ବଲି ମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ବିଭାଗ୍‌ର ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀ ଉପସ୍ଥିତ୍ ଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ଯୁବ ଉଦ୍ୟୋଗୀମାନ୍‌କୁ ଆବଶ୍ୟକୀୟ ସମ୍ବଳ, ଭିତିଭୂମି, ପୋଷାକ ଉତ୍ପାଦନ୍ ଲାଗି ସିଲେଇ ମିସିନ୍, ପେକେଜିଂ ମିସିନ୍ ଯୁଗେଇ ଦିଆଯାଇଛେ । ରାଜ୍ୟର୍ ୩ ଝନ୍

ଉଦ୍ୟୋଗୀଙ୍କୁ ପୋଷାକ ଉତ୍ପାଦନ୍ ଲାଗି ୪୫ ହଜାର୍ ବର୍ଗଫୁଟ୍ ଇଲାକା ନ କେନ୍ଦ୍ର କର୍‌ବାର୍‌କେ ଅନୁମତି ଦିଆଯାଇଛେ । ଇ କେନ୍ଦ୍ର ହେଲେ ୬ ଶହ ଝନ୍ ନିଯୁକ୍ତି ପାଏବେ ।

ପୂର୍ତ ବିଭାଗ୍‌ର ସମୀକ୍ଷା ବୈଠକ୍ ଭୁବନେଶ୍ୱର୍ ସମ୍ବାଦଦାତା

ଭୁବନେଶ୍ୱର୍ ନିର୍ମାଣ ସୌଧ ସମ୍ମିଲନୀ କକ୍ଷ ନ ପୂର୍ତମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍‌ଙ୍କର୍ ଅଧକ୍ଷତାଥି ବିଭାଗ୍‌ର ଗୁଟେ ସମନ୍ୱୟ ବୈଠକ୍ ହେଇଯାଇଛେ । ରାଏଜେ ପାର୍ବଣ ଋତୁ ମୁଲ୍ ହେବାର୍‌କେ ଯାଉଛେ । ଇତାକେ ନଜର୍‌ଥି ରଖିକରି ଭୁବ୍‌ନେଶ୍ୱର୍ ମହାନଗର୍ ନିଗମ୍ ଆଉ କଟକ୍ ମହାନଗର୍ ନିଗମ୍ ଅଧୀନ୍‌ଥି ପୂର୍ତ ବିଭାଗ୍‌ର ସବୁ ରାସ୍ତା ଅକ୍ଟୋବର୍ ୫ ତାରିଖ୍‌ତକ୍ ମରାମତି କାମ୍ ସାର୍‌ବାର୍‌କେ ମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ପୁରୁଣା ଅବକାରୀ ନୀତି ପରିବର୍ତନ ହି.ସ.

ରାଜ୍ୟ ସର୍‌କାର୍ ପୁରୁଣା ଅବକାରୀ ନୀତିକେ ସଂଶୋଧନ୍ କରିଛନ୍ । ପୁରୀ ବେଳାଭୂମି ନ ବିଚ୍ ସାକ୍‌ସ କି ମଦ ଦୁକାନ୍

ଖୁଲା ନାଇଁ ଯାଏ ବଲି ଅବକାରୀ ବିଭାଗ୍ ତର୍ଫୁ ଗୁଟେ ବିଜ୍ଞପ୍ତିଥି କୁହାଯାଇଛେ । ସାମାଜିକ, ଧାର୍ମିକ ଆଉ ସାଂସ୍କୃତିକ୍ ଦିଗ୍‌କେ ନଜର୍‌ଥି ରଖିକରି ଇ ନିଷ୍ପତି ନିଆଯାଇଛେ । ଧାର୍ମିକ ଅନୁଷ୍ଠାନ୍‌ର ୫ କିଲୋମିଟର୍ ଭିତ୍‌ରେ ମଦ୍ ଦୁକାନ୍ ନାଇଁ ଖୁଲାଯାଏ ବଲି ବିଜ୍ଞପ୍ତିଥି ସ୍ପଷ୍ଟ୍ କରାଯାଇଛେ ।

## ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର୍‌ର ନିରୀକ୍ଷଣ

ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ୍ ସଂସ୍ଥା- ଏଏସ୍‌ଆଇ ତର୍ଫୁ ଆଏବା ୧୮ ତାରିଖ୍ ଦିନ ହେବାର୍‌କେ ଥିବା ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର୍‌ର ନିରୀକ୍ଷଣ୍ ଲାଗି ନୀତି ନିର୍ଘଂଟ୍ ତିଆର୍ କରାଯାଇଛେ । ଏଏସ୍‌ଆଇର ଅତିରିକ୍ତ ମହାନିର୍ଦ୍ଦେଶକଙ୍କର୍ ନେତୃତ୍ୱଥି ନିରୀକ୍ଷଣ୍ ଆଉ ବୈଷୟିକ ଯାଂଚ୍ ହେବା । ଇଥିର୍‌ଲାଗି ୧୮ ତାରିଖ୍ ବୁଧବାର୍ ଦିନ ଦୁଇପହର୍‌ର ୧ ବଜେନୁ ନିରୀକ୍ଷଣ୍ କାମ୍ ଶେଷ୍ ହେବାର୍‌ତକ୍ ମାହାପୁରୁଙ୍କର୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା । ଶ୍ରଦ୍ଧାଳୁମାନେ ସିଂହଦ୍ୱାର ପଟେ ବାଇଶି ପାହାଚ ଦେଇକରି ଆନନ୍ଦ ବଜାର୍‌ନୁ ମହାପ୍ରସାଦ୍ ଘିନିପାର୍‌ବେ । ଇନ ଜନେଇ ଦିଆଯାଇପାରେ ଯେ, ଆଘୋନୁ ସର୍‌କାର୍‌ଙ୍କର୍ ମାର୍ଗଦର୍ଶିକା ଅନ୍‌ସାରେ ବାହାର ଆଉ

ଭିତର ରତ୍ନଭଣ୍ଡାର୍‌ର ସବୁ ଅଲଙ୍କାର୍ ଅସ୍ଥାୟୀ ଷ୍ଟ୍ରଙ୍ଗ୍ ରୁମ୍‌କେ ସ୍ଥାନାନ୍ତର୍ କରାଯାଇଛେ ।

ମାଣିକେଶ୍ୱରୀଙ୍କର୍ ମନ୍ଦିର୍ - ନୂଆଖାଇ କଲାହାଣ୍ଡି

କଲାହାଣ୍ଡି ଭବାନୀପାଟ୍‌ନାର୍ ମାଣିକେଶ୍ୱରୀଙ୍କର୍ ମନ୍ଦିର୍ ନ ଆଏଜ୍ ନୂଆଁ ଲଗାଯାଇଛେ । ଆଏଜ୍ ସଖାଲର୍ ୮ ବାଜିକରି ୨୦ ମିନିଟ୍‌ନୁ ୯ ବାଜିକରି ୪୦ ମିନିଟ୍ ଭିତ୍‌ରେ ମା' ଙ୍କର୍ ପାଖେ ନୂଆଁ ଲଗାଯାଇଥିଲା । ଇତାର୍ ଉତ୍‌ରୁ ୧୦ ବଜେନୁ ୧୨ ବାଜିକରି ୪୦ ମିନିଟ୍ ଭିତ୍‌ରେ ଧାରିଜ୍ ହେଇଥିବା ଲଗନ୍ ଅନ୍‌ସାରେ ସାଧାରଣ୍ ଲୁକେ ନୂଆ ଖାଇଥିଲେ । ଇଥିର୍‌ଲାଗି ଆଏଜ୍ ସଖାଲୁ ମାଣିକେଶ୍ୱରୀ ପୀଠ ନ ଭକ୍ତଙ୍କର୍ ଭିଡ଼୍ ଦେଖିବାର୍‌କେ ମିଲିଥିଲା । ଇନ ଜନେଇ ଦିଆଯାଇପାରେ ଯେ, ସାରା ପଶ୍ଚିମ ଓଡ଼ିଶା ନ ଭୁଦୋ ମାସର୍ ପଂଚ୍‌ମୀ ତିଥି ନ ନୂଆଖାଇ ପାଲିତ୍ ହେଇଥିବାର୍ ବେଲେ କଲାହାଣ୍ଡି ଜିଲ୍ଲା ନ ୪ ଟା ଖେପେ ନୂଆଖାଇ ହେସି । ମାଣିକେଶ୍ୱରୀଙ୍କର୍ ପୀଠ କି ଗଡ଼ଜାତ ଅଂଚଲ୍ ନ ଆଏଜ୍ ଦଶ୍‌ମୀ ତିଥି ନ ୩ ନମ୍ବର୍ ଖେପ୍ ନୂଆଖାଇ ପାଲିତ୍ ହେଉଛେ ।

ନୂଆପଡ଼ା- ସୁଭଦ୍ରା ଯୋଜ୍‌ନା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ସୁଭଦ୍ରା ଯୋଜ୍ନାର୍ ଅନ୍ଲାଇନ୍ କାର୍ଯ୍ୟକାରିତା ନେଇକରି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଜନସେବା କେନ୍ଦ୍ରମାନ୍କେ ଅନୁଧ୍ୟାନ୍ କରିଛନ୍ । ଇ ସମିଆଥି ଜିଲ୍ଲାପାଲ୍ ମାହାଲିଆ ଅନ୍ଲାଇନ୍ କର୍ବାର୍କେ ନିର୍ଦ୍ଦେଶ୍ ଦେଇଥିବାର୍ ବେଲେ ଇ କ୍ଷେତ୍ର ନ କିଛି ବ୍ୟତିକ୍ରମ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି  ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଯୁକ୍ତ ଦୁଇ -ଫର୍ମ ପୂରଣ୍        ଆର୍ଏନ୍ୟୁ / ସମ୍ବଲପୁର

ଇ ବଛର୍ ଯୁକ୍ତ ଦୁଇ ପରୀକ୍ଷା ଲାଗି ଆଏବା ୧୮ ତାରିଖ୍ନୁ ଫର୍ମ ପୂରଣ୍ ମୁଲ୍ ହେବା । ଚଲ୍ତି ଶିକ୍ଷା ବଛ୍ରେ ପରୀକ୍ଷା ଦେବାର୍କେ ଥିବାର୍ ଛାତ୍ରଛାତ୍ରୀମାନେ ଅକ୍ଟୋବର୍ ୧ ତାରିଖ୍ତକ୍ ଫର୍ମ ପୂରଣ୍ କରିପାର୍ବେ । ଇ ସମିଆ ଭିତ୍ରେ କେନ୍ସି ଜରିମାନା ଦେବାର୍କେ ନାଇଁପଡ଼େ । ସେନ୍ତା ଅକ୍ଟୋବର୍ ୪ ନୁ ୧୪ ତାରିଖ୍ ଭିତ୍ରେ ୨ ଶହ ଟଙ୍କା ଜରିମାନା ଦେଇକରି ଫର୍ମ ପୂରଣ୍ କରିପାର୍ବେ ।

ସୁବାସ୍ ଚନ୍ଦ୍ର ବୋଷ ଆପଦା ପ୍ରବନ୍ଧନ୍ ପୁରସ୍କାର

ଆର୍ଏନ୍ୟୁ/ କଟକ୍

କେନ୍ଦ୍ର ସର୍‌କାର୍ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରଥି ଉତ୍କର୍ଷ ଲାଗି ସୁବାସ୍ ଚନ୍ଦ୍ର ବୋଷ ଆପଦା ପ୍ରବନ୍ଧନ୍ ପୁରସ୍କାର୍-୨୦୨୫ ଲାଗି ନାମାଙ୍କନ୍ ଆମନ୍ତ୍ରଣ କରିଛନ୍ । ଇଥିର୍‌ଲାଗି ଯେନ୍‌କେନ୍‌ସି ବ୍ୟକ୍ତି କି ସଂସ୍ଥା ଆବେଦନ୍ କରିପାର୍‌ବେ । ଇ ପୁରସ୍କାର୍ ଲାଗି ଇ ମାସର୍ ୩୦ ତାରିଖ୍‌ତକ୍ ନାମାଙ୍କନ୍ ପତ୍ର ଦାଖଲ୍ କରିପାର୍‌ବେ । ଆଏବା ଜାନୁଆରୀ ୨୩ ତାରିଖ୍ ଦିନ ସୁବାସ ଚନ୍ଦ୍ର ବୋଷଙ୍କର୍ ଜୟନ୍ତୀ ଅବ୍‌ସରେ ଇ ପୁରସ୍କାର୍ ଘୋଷ୍‌ନା କରାଯିବା ।

ଫସଲ୍ ବିବିଧକରଣ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ଖରିଫ୍ ଋତୁଥି ବୃହତ୍ ଉଠା ଜଲ୍‌ସେଚନ୍ ପ୍ରକଳ୍ପ ଇଲାକା ନ ଅଣଧାନ ଫସଲ୍ କର୍‌ବାର୍ ଲାଗି ଜନସଚେତନତା ମୁଲ୍ ହେଇଛେ । ଇ ଅବ୍‌ସରେ ଗୁଟେ କୃଷକ୍ ରଥ ଜିଲ୍ଲାର ସବୁ ପଂଚାୟତ୍ ବୁଲିକରି ଲୁକ୍‌କୁ ଫସଲ୍ ବିବିଧକରଣ୍ ଯୋଜ୍‌ନା ବାବ୍‌ଦେ ସଚେତନ୍ କର୍‌ବା । ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା କୃଷକ୍ ସଚେତନତା ରଥକେ ପତ୍‌କା ଦେଖେଇକରି ଶୁଭାରମ୍ଭ କରିଥିଲେ ।

ନିଯୁକ୍ତି ମେଳା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ୨୫ ଆଉ ୨୬ ତାରିଖ୍ ଦିନ ବୌଦ୍ଧ ଟାଉନ୍ ହଲ୍ ଆଉ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ ନ ନିଯୁକ୍ତି ମେଳା ହେବା । ଇ ବାବ୍‌ଦେ ଜିଲ୍ଲାପାଳ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲା ଦକ୍ଷତା ବିକାଶ୍ କମିଟିର୍ ଗୁଟେ ବୈଠକ୍ ହେଇଯାଇଛେ । ନିଯୁକ୍ତି ମେଳା କେନ୍ତା ସଫଳତାର୍ ସହେତେ ସର୍‌ବା ସେ ବାବ୍‌ଦେ ନିଷ୍ପତି ନିଆଯାଇଛେ ।

ବୌଦ୍ଧ ମଶାରୀ ବଂଟନ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ କୀଟନାଶକ୍ ଉପଚାରିତ୍ ମଶାରୀ-ଏଲ୍‌ଏଲ୍‌ଆଇଏନ୍ ବଂଟନ୍ ପରିଚାଳନା କମିଟି ବୈଠକ୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ହେଇଯାଇଛେ । ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଇଥି ଅଧ୍ୟକ୍ଷତା କରିକରି ଜିଲ୍ଲାନ ସ୍ୱାସ୍ଥ୍ୟ ବିଭାଗ୍ କାର୍ଯ୍ୟକ୍ରମର୍ ସମୀକ୍ଷା କରିଥିଲେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ମହାନଦୀର୍ ଉପର୍‌ମୁଡେ ଜବର୍ ବର୍ଷା ହେବାର୍‌ନୁ ହୀରାକୁଦ୍ ଡେମ୍ ନୁ ଆଏଜ୍ ସଞ୍ଜ୍‌ବେଲର୍ ୬ ବଜେ ୧୬ ଟା ସ୍ଲୁଇସ୍ ଗେଟ୍ ଦେଇକରି ହାରାହାରି ୩ ଲାଖ୍ ୧ ହଜାର୍ ୭ ଶହ

୧୧ କ୍ୟୁସେକ୍ ପାଏନ୍ ଛଡ଼ାଯାଉଛେ । ଇ ସମିଆଥି ସମାନ୍ ପରିମାଣ୍ ପାଏନ୍ ଡେମ୍‌କେ ଆସୁଛେ । ଡେମ୍‌ର ଜଲ୍‌ସ୍ତର୍ ୬ ଶହ ୨୮ ଦଶ୍‌ମିକ୍ ୪/୩ ଫୁଟ୍ ରହିଥିବାର୍ ନିୟନ୍ତ୍ରଣ କକ୍ଷ ସୂତ୍ରନୁ ଜନାପଡ଼ିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର

ଦକ୍ଷିଣ ପୂର୍ବ ବାଂଲାଦେଶ୍ ଆର୍ ଇତାର୍ ଆଖର୍‌ପାଖର୍ ଇଲାକା ନ ଗୁଟେ ଘୂର୍ଣ୍ଣିବଲୟ ସୃଷ୍ଟି ହେଇଛେ । ଇତାର୍‌ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ଆଏବା କାଏଲ୍ ସୁନ୍ଦର୍‌ଗଡ଼୍ , ସମ୍ବଲ୍‌ପୁର୍, ଦେବ୍‌ଗଡ଼୍, ଝାର୍‌ସୁଗୁଡ଼ା, ବର୍‌ଗଡ଼୍, ନୂଆପଡ଼ା, ବଲାଙ୍ଗିର୍ ନ ଧୁକାଧନ୍ଦି ସହେତେ ବର୍ଷା ହେଇପାରେ । ଇଥିର୍‌ଲାଗି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ୟଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ ।